ODISHA SKILL DEVELOPMENT AUTHORITY

Skilled in ODISHA

NUA Odisha — Nutana Unnata Abhilasha

National Career Service — सही अवसर, सही समय — Right Opportunities, Right Time

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା : ୨୦୨୩-୨୪

## ନବରଙ୍ଗପୁର

**ତାରିଖ: ୦୫.୦୨.୨୦୨୪, ସ୍ଥାନ : DNK ଖେଳ ପଡ଼ିଆ, ଉମରକୋଟ**

**ତାରିଖ: ୦୬.୦୨.୨୦୨୪, ସ୍ଥାନ : RCD High School ଖେଳ ପଡ଼ିଆ, ନବରଙ୍ଗପୁର**

**ସମୟ : ସକାଳ ୧୦ ଘଟିକା ରୁ ଦିବା ୨ ଘଟିକା ପର୍ଯ୍ୟନ୍ତ**

ଜିଲ୍ଲା ପ୍ରଶାସନ ନବରଙ୍ଗପୁର ଓ ଜିଲ୍ଲା ଦକ୍ଷତା ବିକାଶ ଏବଂ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ, ନବରଙ୍ଗପୁର ତରଫରୁ ନବରଙ୍ଗପୁର ଜିଲ୍ଲାରେ ୨ଗୋଟି ନିଯୁକ୍ତି ମେଳାର ଆୟୋଜନ ହେବାକୁ ଯାଉଅଛି । ପ୍ରଥମ ନିଯୁକ୍ତିମେଳା ତା ୦୫.୦୨.୨୦୨୪ରିଖ DNK ଖେଳ ପଡ଼ିଆ, ଉମରକୋଟ ସମୟ- ସକାଳ ୧୦ ଘଟିକା ରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଦ୍ୱିତୀୟ ନିଯୁକ୍ତିମେଳା ତା ୦୬.୦୨.୨୦୨୪ ରିଖ ଦିନ RCD High School ଖେଳ ପଡ଼ିଆ, ନବରଙ୍ଗପୁର ଠାରେ ସକାଳ ୧୦ ଘଟିକା ରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ୨ଗୋଟି ନିଯୁକ୍ତିମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତି ଦାତାମାନେ ଅଂଶଗ୍ରହଣ କରି ନିଯୁକ୍ତି ପ୍ରଦାନ କରିବେ। ଏହା ବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ (OSDA) ସହିତ ଅନୁବନ୍ଧିତ ଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା (PIA) ମାନେ ମଧ୍ୟ ଏହି ୨ଗୋଟି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରି ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ଅବଧିର ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବେ । ତାଲିମ ସମୟରେ ପ୍ରଶିକ୍ଷଣ, ରହିବା ଏବଂ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ର (WSC), (ITI)/ଡିପ୍ଲୋମା(Diploma) Collegeରେ Admission ପାଇଁ ଏବଂ ନୂଆ ଓଡ଼ିଶା ସ୍କିମ୍‌ରେ ତାଲିମ ନେବାପାଇଁ ଇଚ୍ଛୁକ ଅଛନ୍ତି ସେମାନେ ମଧ୍ୟ ଉପକୃତ ହୋଇପାରିବେ।

ତେଣୁ ରୋଜଗାର ସନ୍ଧାନରେ ଥିବା ୧୮-୩୫ ବର୍ଷ ବୟସର ପ୍ରାର୍ଥୀ ଓ ପ୍ରାର୍ଥିନୀ ଯେଉଁମାନଙ୍କ ଯୋଗ୍ୟତା ୫ମ ଶ୍ରେଣୀ ପାସ୍ ଠାରୁ ଦଶମ ଶ୍ରେଣୀ ଫେଲ ପର୍ଯ୍ୟନ୍ତ ଏବଂ ମାଟ୍ରିକ୍ ପାସ୍ ଠାରୁ ସ୍ନାତକ/ଆଇ.ଟି.ଆଇ (ITI)/ଡିପ୍ଲୋମା(Diploma) ପାସ୍ ହୋଇଥିବ ସେମାନେ ଉପର ଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ଏହି ମେଳାରେ ଭାଗନେଇ ପାରିବେ । ଏଥି ନିମନ୍ତେ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, ନବରଙ୍ଗପୁର ସହିତ ଯୋଗାଯୋଗ କରିପାରିବେ । ଶିକ୍ଷାଗତ ଯୋଗ୍ୟତା/ବାସିନ୍ଦା ପ୍ରମାଣ ପତ୍ର/ଜାତିଗତ ପ୍ରମାଣ ପତ୍ର/ ୨ଗୋଟି ପାସପୋର୍ଟ ସାଇଜ୍ ଫଟୋ ସହିତ ନିର୍ଦ୍ଧାରିତ ତାରିଖ, ସ୍ଥାନରେ ଓ ସମୟରେ ଏହି ନିଯୁକ୍ତି ମେଳାରେ ଯୋଗଦେଇ ପାରିବେ ।

ସୁତରାଂ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ଜଣାଇ ଦିଆଯାଉଛି କି, ଉକ୍ତ ମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରନ୍ତୁ ।

ସ୍ୱା/ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୋଜନ ଅଧିକାରୀ
ନବରଙ୍ଗପୁର

ଜିଲ୍ଲାପାଳ
ନବରଙ୍ଗପୁର

Printed at Mahima Offset, Ngpr.

Scanned with OKEN Scanner